# NATIONAL NEWS BULLETIN (ODIA)

## 7 May - 2026

## Evening Bulletin : 7.15 p.m.

*******************************

## ମୁଖ୍ୟ ସମ୍ବାଦ

- ବିହାର ମନ୍ତ୍ରିମଣ୍ଡଳ ସମ୍ପ୍ରସାରିତ; ୩୨ ଜଣଙ୍କୁ ନୂତନ ମନ୍ତ୍ରୀ ଭାବେ ଶପଥପାଠ କରାଇଲେ ରାଜ୍ୟପାଳ ।
- ସୀମାପାର ଆତଙ୍କବାଦ ନେଇ ପାକିସ୍ତାନକୁ ଅପରେସନ୍ ସିନ୍ଦୂର ମାଧ୍ୟମରେ ଦିଆଯାଇଛି କଡ଼ା ଜବାବ, କହିଲେ ସରକାର ।
- ତାମିଲନାଡୁରେ ସରକାର ଗଠନ ନେଇ ଟି.ଭି.କେ. ପକ୍ଷରୁ ଜାରି ରହିଛି ପ୍ରୟାସ ।
- ବିଶ୍ୱ ଯୋଗାଣ ଶୃଙ୍ଖଳ କ୍ଷେତ୍ରରେ ଭାରତ ଓ ଭିଏତ୍‌ନାମର ମିଳିତ ଭୂମିକା ନିର୍ବାହ ଉପରେ ଗୁରୁତ୍ୱ ଦେଲେ ଭିଏତ୍‌ନାମ୍ ରାଷ୍ଟ୍ରପତି ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜିର ମ୍ୟାଚ୍‌ରେ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଲା ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ।

# ବିହାର ସ୍ୱେରିଂ ଇନ୍

ବିହାର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଆଜି ତାଙ୍କ କ୍ୟାବିନେଟ୍‌ର ସମ୍ପ୍ରସାରଣ କରିଛନ୍ତି । ପାଟନାର ଗାନ୍ଧି ମଇଦାନରେ ଅନୁଷ୍ଠିତ ଏକ ବର୍ଣ୍ଣାଢ଼୍ୟ ସମାବେଶରେ ୩୨  ଜଣ ମନ୍ତ୍ରୀଙ୍କୁ ରାଜ୍ୟପାଳ ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ୍ ସୟଦ ହାସନେନ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ସମ୍ରାଟ ଚୌଧୁରୀଙ୍କ କ୍ୟାବିନେଟ୍‌ରେ ବିଜେପିରୁ ୧୫ ଜଣ, ଜେ.ଡି.ୟୁ.ରୁ ୧୩ ଜଣ, ଲୋକଜନଶକ୍ତି ପାର୍ଟିରୁ ୨ ଜଣ ଏବଂ ହିନ୍ଦୁସ୍ତାନୀ ଆୱାମ୍ ମୋର୍ଚ୍ଚା ଓ ରାଷ୍ଟ୍ରୀୟ ଲୋକମୋର୍ଚ୍ଚାରୁ ଜଣେ ଲେଖାଏଁ ମନ୍ତ୍ରୀ ଶପଥ ଗ୍ରହଣ କରିଛନ୍ତି । ଶପଥଗ୍ରହଣ କରିଥିବା ପ୍ରମୁଖ ନେତାମାନଙ୍କ ମଧ୍ୟରେ ଜେ.ଡି.ୟୁ.ର ଅଧ୍ୟକ୍ଷ ନୀତିଶ କୁମାରଙ୍କ ପୁଅ ନିଶାନ୍ତ କୁମାର ଅଛନ୍ତି । ଏହି ସମ୍ପ୍ରସାରଣ ପରେ ଜେ.ଡି.ୟୁ.ରୁ ମନ୍ତ୍ରୀଙ୍କ ସଂଖ୍ୟା ୧୫ରେ ପହଞ୍ଚିଛି ।

୨୪୩ ଜଣ ସଦସ୍ୟ ବିଶିଷ୍ଟ ବିହାର ବିଧାନସଭାରେ ବିଜେପିର ସର୍ବାଧିକ ୮୯ ଜଣ ସଦସ୍ୟ ଅଛନ୍ତି । ଆଜି ବିଜେପିରୁ ୧୫ ଜଣ ଶପଥ ଗ୍ରହଣ କରିଛନ୍ତି । ଆଜିର ଶପଥଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ, ଅମିତ ଶାହା ଓ ଜେ.ପି. ନଡ୍ଡାଙ୍କ ସମେତ କେନ୍ଦ୍ର ମନ୍ତ୍ରିମଣ୍ଡଳର ଅନେକ ମନ୍ତ୍ରୀ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ, ଜେ.ଡି.ୟୁ.ର ଅଧ୍ୟକ୍ଷ ନିତିଶ କୁମାର ଉପସ୍ଥିତ ଥିଲେ ।

## ଇସି-ଏମ୍‌ସିସି

ପଶ୍ଚିମବଙ୍ଗ, ତାମିଲନାଡୁ, କେରଳମ୍ ଏବଂ ପୁଡୁଚେରୀରେ ବିଧାନସଭା ନିର୍ବାଚନ ପାଇଁ ଲଗାଯାଇଥିବା ଆଦର୍ଶ ନିର୍ବାଚନ ଆଚରଣ ବିଧିକୁ ଆଜିଠାରୁ ଉଠାଇ ନିଆଯାଇଛି । ନିର୍ବାଚନ କମିଶନ୍‌ଙ୍କ କାର୍ଯ୍ୟାଳୟ ଏ ସମ୍ପର୍କରେ କେନ୍ଦ୍ର କ୍ୟାବିନେଟ୍ ସଚିବ ଏବଂ ସମ୍ପୃକ୍ତ ରାଜ୍ୟଗୁଡ଼ିକର ମୁଖ୍ୟ ଶାସନ ସଚିବ ଓ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସୂଚନା ଦେଇଛନ୍ତି । କମିଶନ୍‌ଙ୍କ ପକ୍ଷରୁ କୁହାଯାଇଛି, ପଶ୍ଚିମବଙ୍ଗର ଫାଲ୍‌ଟା ବିଧାନସଭା ଆସନରେ ପୁନଃ ମତଦାନ ହେବାକୁ ଥିବାରୁ ସେଠାରେ ଆଦର୍ଶ ଆଚରଣବିଧି ବଳବତ୍ତର ରହିବ । ଫାଲ୍‌ଟା ବିଧାନସଭା ନିର୍ବାଚନ ମଣ୍ଡଳିରେ ଆସନ୍ତା ୨୧ ତାରିଖ ଦିନ ଭୋଟ ଗ୍ରହଣ ହୋଇ ୨୪ ତାରିଖ ଦିନ ମତଗଣନା କରାଯିବ ।

## ଏମ୍‌ଇଏ-ବ୍ରିଫିଂ

ସୀମାପାର ଆତଙ୍କବାଦ କାର୍ଯ୍ୟକଳାପକୁ ସହଯୋଗ ପ୍ରଦାନ କରିଥିବାରୁ ଅପରେସନ୍ ସିନ୍ଦୂର ମାଧ୍ୟମରେ ପାକିସ୍ତାନକୁ ଦୃଢ଼ ଜବାବ ଦିଆଯାଇଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ଆଜି ସମ୍ବୋଧନ କରି ସେ କହିଛନ୍ତି, ଦୀର୍ଘଦିନ ଧରି ପାକିସ୍ତାନ ସୀମାପାର ଆତଙ୍କବାଦକୁ

ରାଷ୍ଟ୍ରନୀତି ଭାବେ ଗ୍ରହଣ କରି ଆସିଛି । ଆତଙ୍କବାଦ ବିରୁଦ୍ଧରେ ନିଜକୁ ରକ୍ଷା କରିବାର ସମ୍ପୂର୍ଣ୍ଣ ଅଧିକାର ଭାରତର ରହିଛି ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି ।

ଅନୁପ୍ରବେଶକାରୀ ବାଂଲାଦେଶ ନାଗରୀକଙ୍କ ଭାରତରୁ ପ୍ରତ୍ୟାବର୍ତ୍ତନ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ଯେକୌଣସି ଅବୈଧ ପ୍ରବାସୀଙ୍କୁ ଭାରତର ଆଇନ୍ ବ୍ୟବସ୍ଥା ଅନୁଯାୟୀ ପ୍ରତ୍ୟାବର୍ତ୍ତନ କରିବାକୁ ପଡ଼ିବ ।

## VO-RANDHIR-ON-BANGLADESH

କାନାଡ଼ାରେ ସକ୍ରିୟ ଥିବା ଖଲିସ୍ତାନୀ ଗୋଷ୍ଠୀ ସମ୍ପର୍କିତ ପ୍ରସଙ୍ଗ ଉପରେ ଉତ୍ତର ଦେଇ ଶ୍ରୀ ଜୟସ୍ୱାଲ କହିଛନ୍ତି, କାନାଡ଼ାକୁ ସେମାନେ ଭାରତ ବିରୁଦ୍ଧରେ ଏକ ସୁରକ୍ଷିତ ଆଶ୍ରୟ ସ୍ଥଳ ଭାବେ ବ୍ୟବହୃତ କରୁଛନ୍ତି । ଏଥିପାଇଁ ଭାରତ ଚିନ୍ତା ପ୍ରକଟ କରିଛି । ସେମାନଙ୍କ ବିରୁଦ୍ଧରେ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାରତ କାନାଡ଼ାକୁ ବାରମ୍ବାର ଅନୁରୋଧ କରୁଥିବା ଶ୍ରୀ ଜୟସ୍ୱାଲ କହିଛନ୍ତି ।

ଶ୍ରୀ ଜୟସ୍ୱାଲ କହିଛନ୍ତି, ଆନ୍ତର୍ଜାତିକ ମାନଦଣ୍ଡକୁ ଭାରତ ସର୍ବଦା ପାଳନ କରିବା ସହ ଅନ୍ୟ ରାଷ୍ଟ୍ରର ସାର୍ବଭୌମତ୍ୱକୁ ସମ୍ମାନ ପ୍ରଦର୍ଶନ କରେ । ଆତଙ୍କବାଦକୁ ପ୍ରୋତ୍ସାହନ ପ୍ରଦାନ ଜାରି ରଖିଥିବାରୁ ପାକିସ୍ତାନ ବିରୁଦ୍ଧରେ ସିନ୍ଧୁ ଜଳ ଚୁକ୍ତିନାମା ସ୍ଥଗିତ ରହିଥିବା ସେ କହିଛନ୍ତି ।

## ତାମିଲନାଡୁ-ଗଭ୍ ଫରମେସନ୍

ତାମିଲନାଡୁ ବିଧାନସଭା ନିର୍ବାଚନରେ ସବୁଠାରୁ ଅଧିକ ଆସନ ଜିତିଥିବା ଟି.ଭି.କେ. ମୁଖ୍ୟ ଯୋଶେଫ୍ ବିଜୟ ଆଜି ରାଜ୍ୟପାଳ ବିଶ୍ୱନାଥ ଆର୍ଲେକରଙ୍କୁ ଲୋକଭବନରେ ଦ୍ୱିତୀୟଥର ପାଇଁ ସାକ୍ଷାତ କରିଛନ୍ତି । ଆମ ସମ୍ବାଦଦାତା ଜଣାଇଛନ୍ତି, ସରକାର ଗଠନ ନେଇ ସେଠାରେ ଅଚଳାବସ୍ଥା ଜାରି ରହିଛି । ଟି.ଭି.କେ. ଏବଂ ବାମଦଳ ମଧ୍ୟରେ ଲୋକମାନଙ୍କ ଜନମତକୁ ଅସମ୍ମାନ ପ୍ରଦର୍ଶନ କରାଯିବା ଉଚିତ୍ ନୁହେଁ ବୋଲି ରାଜନେତା ତଥା ଚଳଚ୍ଚିତ୍ର ଅଭିନେତା କମଲ ହାସନ କହିଛନ୍ତି ।

ତାମିଲନାଡୁ ଲୋକଭବନରୁ ଆଜି ପ୍ରକାଶିତ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି, ସରକାର ଗଠନ ନେଇ ଆବଶ୍ୟକ ବହୁମତ ଟି.ଭି.କେ. ଏପର୍ଯ୍ୟନ୍ତ ଉପସ୍ଥାପନ କରିପାରି ନାହିଁ ।

## ଇଣ୍ଡିଆ-ଭିଏତ୍‌ନାମ ବିଜ୍‌ନେସ୍ ଫୋରମ୍

ପରିବର୍ତ୍ତିତ ବୈଶ୍ୱିକ ପରିସ୍ଥିତିରେ ଯୋଗାଣ ଶୃଙ୍ଖଳରେ ଭାରତ ଏବଂ ଭିଏତ୍‌ନାମ ମିଳିତ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବେ ବୋଲି ଭିଏତ୍‌ନାମର ରାଷ୍ଟ୍ରପତି ଟୋ ଲାମ୍ କହିଛନ୍ତି । ମୁମ୍ବାଇ ଠାରେ ଭାରତ-ଭିଏତ୍‌ନାମ ବ୍ୟାବସାୟିକ ମଞ୍ଚକୁ ସମ୍ବୋଧନ କରି ଶ୍ରୀ ଲାମ୍ କହିଛନ୍ତି, ଉଭୟ ଦେଶ ଅତୀତରେ ପାରସ୍ପରିକ ସହଯୋଗ ସହିତ

ଅନେକ ଆହ୍ୱାନର ସମ୍ମୁଖୀନ ହୋଇଛନ୍ତି । ଭାରତୀୟ କମ୍ପାନୀ ବିଶେଷ କରି ଆଧୁନିକ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ କାର୍ଯ୍ୟ କରୁଥିବା କମ୍ପାନୀଗୁଡ଼ିକ ଭିଏତ୍‌ନାମରେ ପୁଞ୍ଜିନିବେଶ କରିବାକୁ ରାଷ୍ଟ୍ରପତି ଲାମ୍ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ସଠିକ୍ ରାଜନୈତିକ ବୁଝାମଣା ଯୋଗୁଁ ୨୦୧୬ ପରଠାରୁ ଦ୍ୱିପାକ୍ଷିକ ସମ୍ପର୍କ ନୂତନ ଶୀର୍ଷତାକୁ ସ୍ପର୍ଶ କରିଛି । ଦୃଢ଼ ଭିତ୍ତିଭୂମି ଆଧାରରେ ଭବିଷ୍ୟତରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ନେଇ ବ୍ୟାପକ ସୁଯୋଗ ରହିଛି ବୋଲି ରାଷ୍ଟ୍ରପତି ଲାମ୍ କହିଛନ୍ତି । କାର୍ଯ୍ୟକ୍ରମରେ ଯୋଗଦେଇ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ଣାବିସ୍ ଭାରତ ଏବଂ ଭିଏତ୍‌ନାମ ଭଳି ଦେଶର ପ୍ରଯୁକ୍ତିବିଦ୍ୟା ଉତ୍ପାଦନ କ୍ଷେତ୍ରର ଉଦ୍ୟୋଗୀ ନିବେଶ ତଥା ବୃତ୍ତିଗତ କ୍ଷେତ୍ରରେ ଏସିଆର ଭବିଷ୍ୟତକୁ ରୂପରେଖ ପ୍ରଦାନ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି । କାର୍ଯ୍ୟକ୍ରମ ଅବସରରେ ୮ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

## ବ୍ରିକ୍ସ-ସାଇ ସମିଟ୍

ପଞ୍ଚମ ବ୍ରିକ୍ସ ସର୍ବୋଚ୍ଚ ଯାଞ୍ଚ ପ୍ରତିଷ୍ଠାନ – ସାଇ ନେତୃତ୍ୱ ସମ୍ମିଳନୀ ଆଜିଠାରୁ ବେଙ୍ଗାଲୁରୁ ଠାରେ ଆରମ୍ଭ ହୋଇଛି । ଭାରତର ବ୍ରିକ୍ସ ଅଧ୍ୟକ୍ଷତା ୨୦୨୬ର ଏକ ଅଂଶସ୍ୱରୂପ ଭାବେ ଏହି ଦୁଇ ଦିନିଆ ସମ୍ମିଳନୀ ଅନୁଷ୍ଠିତ ହେଉଛି । ସହରାଞ୍ଚଳ ବିକାଶ ଉପରେ ଧ୍ୟାନ ଦେଇ ସହଜ ଜୀବନଯାପନ

ଶୀର୍ଷକ ପ୍ରସଙ୍ଗ ଆଧାରରେ ଅନୁଷ୍ଠିତ ହେଉଥିବା ଏହି ସମ୍ମିଳନୀରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକର ସାଇ ମୁଖ୍ୟକଙ୍କ ସମେତ ୪୨ ଜଣ ପ୍ରତିନିଧି ଅଂଶଗ୍ରହଣ କରୁନ୍ତି । ସମ୍ମିଳନୀକୁ ଭାରତର ନିୟନ୍ତ୍ରକ ଓ ଅଡିଟର ଜେନେରାଲ୍ କେ. ସଞ୍ଜୟ ମୂର୍ତ୍ତି ଉଦ୍‌ଘାଟନ କରିଛନ୍ତି । ବ୍ରାଜିଲ୍, ଚୀନ୍, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ରୁଷ, ଦକ୍ଷିଣ ଆଫ୍ରିକା ଏବଂ ସଂଯୁକ୍ତ ଆରବ ଏମିରେଟ୍ସର ପ୍ରତିନିଧି ମାନେ ଏହି ସମ୍ମିଳନୀରେ ଅଂଶଗ୍ରହଣ କରୁଛନ୍ତି ।

## ମାଣ୍ଡବ୍ୟ-ସ୍ପୋର୍ଟସ୍ କନ୍‌କ୍ଲେଭ୍

ଭାରତର କ୍ରୀଡ଼ା ଭବିଷ୍ୟତ କ୍ରୀଡ଼ାବିତ୍, କ୍ରୀଡ଼ାସଂଘ ଏବଂ ସରକାରଙ୍କ ମଧ୍ୟରେ ଦୃଢ଼ ସମନ୍ୱୟ ଉପରେ ନିର୍ଭର କରେ ବୋଲି ଯୁବ ବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ କହିଛନ୍ତି । ନୂଆଦିଲ୍ଲୀରେ ଜାତୀୟ କ୍ରୀଡ଼ା ମହାସଂଘ ସମ୍ମିଳନୀ ୨୦୨୬କୁ ସମ୍ବୋଧନ କରି ଡକ୍ଟର ମାଣ୍ଡବ୍ୟ କହିଛନ୍ତି, ଭବିଷ୍ୟତରେ ଭାରତରେ ବିଶ୍ୱସ୍ତରରେ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନର ପ୍ରସ୍ତୁତି ଦିଗରେ ସମନ୍ୱିତ ପଦକ୍ଷେପର ଆବଶ୍ୟକତା ରହିଛି । ଚଳିତ ବର୍ଷ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଏସୀୟ ଗେମ୍ସ ଏବଂ ୨୦୨୮ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ଆୟୋଜନ ନେଇ ଭାରତ ପ୍ରସ୍ତୁତି କରୁଛି ।

ଶିକ୍ଷା, ସଚେତନତା ଏବଂ କଠୋର ଆଇନ୍‌ଗତ ପଦକ୍ଷେପ ମାଧ୍ୟମରେ ଭାରତୀୟ କ୍ରୀଡ଼ା ଇକୋ ସିଷ୍ଟମ୍‌ରୁ ଡୋପିଙ୍ଗ୍‌କୁ ଦୂର କରିବା ପାଇଁ ସରକାରଙ୍କ ଅଙ୍ଗୀକାର ବଦ୍ଧତା ଉପରେ ଡକ୍ଟର ମାଣ୍ଡବ୍ୟ ଆଲୋକପାତ କରିଛନ୍ତି । ଡକ୍ଟର ମାଣ୍ଡବ୍ୟ ଦେଶରେ ଏକ ସ୍ୱଚ୍ଛ କ୍ରୀଡ଼ା ସଂସ୍କୃତି ଗଠନ ଦିଗରେ ସକ୍ରିୟ ଭାବେ ସହଯୋଗ ପ୍ରଦାନ କରିବାକୁ କ୍ରୀଡ଼ାସଂଘ, ପ୍ରଶିକ୍ଷକ ଏବଂ କ୍ରୀଡ଼ା କ୍ଷେତ୍ରର ସହାୟକ କର୍ମଚାରୀଙ୍କୁ ଅନୁରୋଧ କରିଛନ୍ତି ।

## ଇସ୍ରାଏଲ୍-ହିଜ୍‌ବୁଲ୍ଲା

ଲେବାନନର ନାବାତିଏହେ ଅଞ୍ଚଳରେ ଇରାନ୍ ସମର୍ଥିତ ସଶସ୍ତ୍ର ହିଜ୍‌ବୁଲ୍ଲା ଗୋଷ୍ଠୀର ଆଡ୍ଡା ସ୍ଥଳୀ ଉପରେ ଇସ୍ରାଏଲ୍ ପକ୍ଷରୁ ଆକ୍ରମଣ କରାଯାଇଛି । ଇସ୍ରାଏଲ୍ ବାୟୁସେନା ପକ୍ଷରୁ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି । ଇସ୍ରାଏଲ୍ ସେନା କହିଛି, ଦକ୍ଷିଣ ଲେବାନନ୍ ସ୍ଥିତ ହିଜ୍‌ବୁଲ୍ଲା ଗୋଷ୍ଠୀର ୨୦ଟି ଅତିରିକ୍ତ ଭିତ୍ତିଭୂମି କ୍ଷେତ୍ର ଉପରେ ଆକ୍ରମଣ କରାଯାଇଛି । ହିଜ୍‌ବୁଲ୍ଲା ପକ୍ଷରୁ ଅସ୍ତ୍ରବିରତି ଚୁକ୍ତିନାମ ଉଲ୍ଲଙ୍ଘନକୁ ଦୃଷ୍ଟିରେ ରଖି ସେନା ପକ୍ଷରୁ ଏଭଳି ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ଇସ୍ରାଏଲ୍ କହିଛି । ଦକ୍ଷିଣ

ଲେବାନନ୍‌ର ତିନୋଟି ଅଞ୍ଚଳରୁ ନାଗରିକଙ୍କୁ ସୁରକ୍ଷିତ ସ୍ଥାନକୁ ପଳାଇବାକୁ ଇସ୍ରାଏଲ୍ ସେନା ନିର୍ଦ୍ଦେଶ ଦେଇଛି ।

## ଏମ୍‌ଓୟୁ-ଇଣ୍ଡିଆ ଏଆଇ

କୃତ୍ରିମ ବୁଦ୍ଧିମତ୍ତା ଆଧାରରେ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଅଧିକ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ଆଜି ଭାରତ ଏ.ଆଇ. ଏବଂ ଭାରତୀୟ ଚିକିତ୍ସା ଗବେଷଣା ପରିଷଦ ମଧ୍ୟରେ ଏକ ବୁଝାମଣାପତ୍ର ନୂଆଦିଲ୍ଲୀ ଠାରେ ସ୍ୱାକ୍ଷରିତ ହୋଇଛି । ଇଲେକ୍ଟ୍ରୋନିକ୍ସ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି, କୃତ୍ରିମ ବୁଦ୍ଧିମତ୍ତାର ଦାୟିତ୍ୱପୂର୍ଣ୍ଣ ତଥା ସୀମାବଦ୍ଧ ପ୍ରୟୋଗ, ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ତ୍ୱରାନ୍ୱିତ କରିବାରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ଏହି ବୁଝାମଣାପତ୍ର ଦେଶରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ସୁ-ବ୍ୟବସ୍ଥିତ ଢାଞ୍ଚା ପ୍ରସ୍ତୁତ କରିବାରେ ସହାୟକ ହେବ ବୋଲି ମନ୍ତ୍ରଣାଳୟ କହିଛି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ର ଆଉ ଅଳ୍ପ ସମୟ ପରେ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ଏବଂ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍

ଖେଳାଯିବ । ଲକ୍ଷ୍ନୌର ଏକନା କ୍ରିକେଟ୍ ଷ୍ଟାଡିୟମ୍‌ଠାରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଲକ୍ଷ୍ନୌର ସୁପର ଜାଏଣ୍ଟସ୍‌କୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କଲା ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ।